# ଆବାହନୀ ୨୦୦୩

ଆସ ଆସ ନବ ସମ୍ବତ୍ସର
ଏକାନ୍ତ ପ୍ରେମିକା ତୁମେ ବାଳ ଶତାବ୍ଦୀର
ସଙ୍ଗେ ଆଣି ଅଫୁରନ୍ତ ଉଦ୍‌ଭଟ ଭାବନା
ହୃଦେ ଦିଅ ଅସରନ୍ତି ଉନ୍ମେଷ ବାସନା
ଦେହେ ଦିଅ ଅପ୍ରମିତ ବଳ
ମନ ଲବେ ନଲଭୁ ଦୁର୍ବଳ
ସଙ୍ଗେ ତୁମେ ନେଇଆସ ନବ ନବ ଯେତେ ଉନ୍ମାଦନା
ବିସ୍ମୃତି ଗରଭେ ପୋତି ଯେତେ ଦୈନ୍ୟ ଯେତେକ ଯାତନା
ଲାଞ୍ଛନାର ବର୍ଷ ଦୁନିର୍ବାର
ଆସ ଆସ ନବ ସମ୍ବତ୍ସର .....

ଶତାବ୍ଦୀର ତୃତୀୟ ନାୟକ
ସାଥେ ତୁମେ ଆସ ନେଇ ପ୍ରେମମୟ କୁସୁମ ଶାୟକ
ଅନ୍ତର୍ହିତ ହେଉ ଆତ୍ମ ଉଦାମ ବାସନାର ଉଦ୍‌ଭଟ ବ୍ୟସନ
ଅନ୍ତର୍ହିତ ହେଉ ଲହୁ ଲୁହାଣର ସନ୍ତ୍ରାସବାଦ ତ୍ରସ୍ତ ମନ
ହେଉ ଦୂର ତେଜିୟାନ ଯୁଦ୍ଧ ବିଭୀଷିକା

ଉଦ୍‌ଫୁଲିତ ପ୍ରାଣେ ଆସୁ ଶାଶ୍ୱତ ନାୟିକା
ଦେହେ ଯାର ଫୁଟିଯାଉ ଉଷ୍ଣ ଏକ ପ୍ରଗଲ୍ଭ ବସନ୍ତ
କବରୀର ମୃଦୁଗନ୍ଧ ସାରା ବିଶ୍ୱେ ହେଉ ପରିବ୍ୟାପ୍ତ
ହସ୍ତ ଯାର ଦେଖାଇବ ମୁକତିର ପଥ
କଣ୍ଠ ଯାର ବିସ୍ଫୁଳିବ ଆବାହନୀ ଗୀତ
ତୁମେ କିନ୍ତୁ ସବୁରି ଆଦର ପାଅ ସମୟ ବାହକ
ଆସ ଆସ ଶତାବ୍ଦୀର ତୃତୀୟ ନାୟକ □ □ □

